## ଓଡ଼ିଶା ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍: ହାରିଲା ବେଲ୍‌ଜିୟମ୍

# ସେମିଫାଇନାଲ୍‌ରେ ଭାରତ



**ଭୁବନେଶ୍ୱର, ୬।୧୨/ଏନ୍‌ଏନ୍‌ଏସ୍:**

ପୁଲ୍ ପର୍ଯ୍ୟାୟରେ ଲଗାତାର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଭାରତ ଚଳିତ ଓଡ଼ିଶା ହକି ୱାର୍ଲ୍ଡ ଲିଗ୍‌ର ଅସଲ ମୁକାବିଲାରେ ଦମ୍ ଦେଖାଇଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍ ମୁକାବିଲାରେ ଭାରତ ଗତ ସଂସ୍କରଣର ରନର୍ସଅପ୍ ବେଲଜିୟମକୁ ସଡନ୍‌ଡେଥ୍‌ରେ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୩-୩ ଗୋଲ୍‌ରେ ବରାବର ରହିବା ପରେ ଫଳାଫଳ ପାଇଁ ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା।

ଶୁଟ୍‌ଆଉଟ୍‌ରେ ମଧ୍ୟ ୨-୨ ଗୋଲ୍‌ରେ ବରାବର ରହିବା ପରେ ସଡନ୍‌ଡେଥ୍‌ରେ ହରମନପ୍ରିତ ସିଂହ ଗୋଲ୍ ଦେଇ ଭାରତକୁ ୩-୨ରେ ବିଜୟୀ କରାଇଥିଲେ।

▶ ଅଧିକ-୧୬